ପ୍ରମେୟ
THE PRAMEYA

26/02/2018

# ଭାଷା ସୁରକ୍ଷା ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

## 'ନିସ୍'ରେ ମାତୃଭାଷା ଉପରେ ଆଲୋଚନା

ଘଁଲା,୨୫।୨(ଆ.ପ୍ର.): ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକତା ରହିଛି। ଏକାଧିକ ଭାଷା ଅଧ୍ୟୟନ ଓ ବ୍ୟବହାର ସତ୍ତ୍ୱେ ନିଜ ମାତୃଭାଷା ପ୍ରତି ଜ୍ଞାନ ଓ ସମ୍ମାନକୁ ବଜାୟ ରଖିବା ବିଶ୍ୱ ମାତୃଭାଷା ଦିବସର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି ନିସ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସୁଭାଷ ଚନ୍ଦ୍ର ନାୟକ। ମଦନପୁର ସ୍ଥିତ ନିସ ଶିକ୍ଷାନୁଷ୍ଠାନ ପରିସରରେ ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ନ୍ତୁ ନାୟକ ପୌରୋହିତ୍ୟ କରି ତାଙ୍କ ଭାଷଣରେ କହିଥିଲେ ଯେ, ବର୍ତ୍ତମାନ ରାଜ୍ୟ ସରକାର ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ଓ ସଂରକ୍ଷଣ ପାଇଁ ବହୁବିଧ କାର୍ଯ୍ୟ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିପାଇଁ ସମସ୍ତ ନାଗରିକ ଓ ଛାତ୍ରଛାତ୍ରୀମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ତିନ ଡକ୍ଟର ଶ୍ରୁତିକାନ୍ତ ଦାକ୍ଷିତ ତାଙ୍କ ଭାଷଣରେ କହିଥିଲେ ଯେ, ୨୦୦୦ ମସିହାରୁ ସାରା ବିଶ୍ୱରେ ଫେବ୍ରୁଆରୀ ୨୧ ତାରିଖକୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ପାଳିତ ହୋଇଆସୁଅଛି। ସମଗ୍ର ବିଶ୍ୱରେ ଭାଷା ଓ ସାଂସ୍କୃତିକ ବିବିଧତା ସମ୍ପର୍କରେ ଜନସଚେତନତାର ପ୍ରଚାର ଓ ପ୍ରସାର ଏହି ଦିବସ ପାଳନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଡେପୁଟି ଡାଇରେକ୍ଟର ପ୍ରଫେସର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ପୁସ୍ତ ରେଜିଷ୍ଟ୍ରାର ପ୍ରଫେସର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଉତ୍ସବ ମୁଖରିତ କରିଥିଲେ।